**ସତ୍ୟ ନାରାୟଣ ପାରିକ୍**

**ବନାମ**

**ରାଜସ୍ଥାନ ରାଜ୍ୟ ଏବଂ ଅନ୍ୟଜଣେ**

**ମାର୍ଚ୍ଚ 29, 1996**

**[କେ. ରାମାସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]**

*ସେବା ଆଇନ:*

*ମୂଳ ବିଭାଗରେ ସ୍ଥାୟୀ କର୍ମଚାରୀଙ୍କ ମୂଳ ପଦବୀକୁ ବଜାୟ ରଖିବା — ରାଜସ୍ଥାନ ରାଜ୍ୟ ସରକାରଙ୍କ ବୈଷୟିକ ଶିକ୍ଷା ବିଭାଗ — ସ୍ଥାୟୀ ନିମ୍ନ ବର୍ଗ କିରାଣୀ — ପରିବହନ ବିଭାଗରେ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟକାଳ ପଦବୀକୁ ପ୍ରତିନିଯୁକ୍ତିରେ ବଦଳି — ମୂଳ ବିଭାଗକୁ ଫେରିବା ଆଦେଶକୁ ଏହି ଆଧାରରେ ଆପତ୍ତି କରାଯାଇଛି ଯେ ମୂଳ ବିଭାଗରେ ଥିବା ମୂଳ ପଦବୀକୁ ବଜାୟ ରଖିବା ସ୍ଥଗିତ ରହିଥିଲା — ଏହା ନିର୍ଣ୍ଣୟ ନିଆଯାଇଥିଲା ଯେ, ଅପିଲକାରୀ ବୈଷୟିକ ଶିକ୍ଷା ବିଭାଗର ଜଣେ ସ୍ଥାୟୀ କର୍ମଚାରୀ ହୋଇଥିବାରୁ, ପରିବହନ ବିଭାଗରେ ତାଙ୍କର ପ୍ରତିନିଯୁକ୍ତି ସମୟରେ ମଧ୍ୟ ତାଙ୍କର ମୂଳ ପଦବୀକୁ ବଜାୟ ରଖିବା ସର୍ବଦା ମୂଳ ବିଭାଗରେ ରହିବ — ମୂଳ ବିଭାଗକୁ ଫେରିବା ପରେ କର୍ମଚାରୀ ନିଜ ବିଭାଗକୁ ଯିବେ ଏବଂ ସେହି ବିଭାଗରେ ନିଜର ଅଧିକାର ଅନୁଯାୟୀ ସମସ୍ତ ସୁବିଧା ପାଇବାକୁ ହକଦାର ହେବେ ।*

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାରିତା: ଦେୱାନୀ ଅପିଲ ସଂଖ୍ୟା 6964/1996 ।

ଡି.ବି.ସି.ଏସ୍.ଏ. ସଂଖ୍ୟା 215/1990 ରେ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟଙ୍କ 13.5.94 ତାରିଖର ରାୟ ଏବଂ ଆଦେଶରୁ ଅପିଲ ।

ଅପିଲକାରୀମାନଙ୍କ ତରଫରୁ କେ.ଏମ୍. ରେଡ୍ଡୀ, ଏ.ଡି.ଏନ୍. ରାଓ, ଟି.ସି. ଶର୍ମା, ଅଜୟ ଶର୍ମା, ସୁଶ୍ରୀ ନୀଲମ ଶର୍ମା ।

ଉତ୍ତରଦାତାମାନଙ୍କ ତରଫରୁ ଅରୁଣେଶ୍ୱର ଗୁପ୍ତା ଏବଂ ମନୋଜ କେ. ଦାସ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ମଞ୍ଜୁରୀ ପ୍ରଦାନ କରାଗଲା ।

ସ୍ୱୀକାରଯୋଗ୍ୟ ଯେ ଅପିଲକାରୀଙ୍କୁ ବୈଷୟିକ ଶିକ୍ଷା ବିଭାଗରେ ଜଣେ ନିମ୍ନ ବର୍ଗ କିରାଣୀ ଭାବରେ ନିଯୁକ୍ତ କରାଯାଇଥିଲା । ତାଙ୍କୁ ପ୍ରତିନିଯୁକ୍ତିରେ ପରିବହନ ବିଭାଗକୁ ବଦଳି କରାଯାଇଥିଲା । ଆକ୍ଷେପିତ ଆଦେଶରେ ତାଙ୍କୁ ପୁନର୍ବାର ବୈଷୟିକ ଶିକ୍ଷା ବିଭାଗ (ମୂଳ ବିଭାଗ) କୁ ଫେରାଇ ଦିଆଯାଇଥିଲା । ସେହି କାର୍ଯ୍ୟାନୁଷ୍ଠାନକୁ ଆପତ୍ତି କରି ଅପିଲକାରୀ ଆଜ୍ଞାଦେଶ ଆବେଦନ ସଂଖ୍ୟା 2058/89 ଦାୟର କରିଥିଲେ । ଉଚ୍ଚ ନ୍ୟାୟାଳୟଙ୍କ ବିଜ୍ଞ ଏକକ ନ୍ୟାୟମୂର୍ତ୍ତି 16.7.1990 ତାରିଖର ଆଦେଶ ବଳରେ ଏହାକୁ ଖାରଜ କରିଦେଇଥିଲେ । ଅପିଲ ପରେ, ଦେୱାନୀ ବିଶେଷ ଅପିଲ ସଂଖ୍ୟା 215/90 ରେ, ଦୁଇଜଣିଆ ନ୍ୟାୟମୂର୍ତ୍ତିଙ୍କ ଏକ ଖଣ୍ଡପୀଠଙ୍କ 13 ମେ, 1994 ର ଆଦେଶ ଦ୍ୱାରା ଏହାକୁ ନିଶ୍ଚିତ କରାଯାଇଥିଲା । ସେଥିପାଇଁ, ବିଶେଷ ଅନୁମତି ଦ୍ୱାରା ଏହି ଅପିଲ କରାଯାଇଛି ।

ଅପିଲକାରୀଙ୍କ ପକ୍ଷରୁ ବିଜ୍ଞ ବରିଷ୍ଠ ଅଧିବକ୍ତା ଶ୍ରୀ କେ. ମାଧବ ରେଡ୍ଡୀ କେବଳ ଏତିକି ବିବାଦୀୟ ଯୁକ୍ତି ଉପସ୍ଥାପନ କରିଛନ୍ତି ଯେ— ବୈଷୟିକ ଶିକ୍ଷା ବିଭାଗ ଦ୍ୱାରା ଲେଖାଯାଇଥିବା ଏକ ପତ୍ର ଅନୁଯାୟୀ, ତାଙ୍କର ମୂଳ ପଦବୀକୁ ବଜାୟ ରଖିବା ସ୍ଥଗିତ କରାଯାଇଛି ଏବଂ ତାଙ୍କୁ ଚାକିରିକୁ ଫେରାଇ ନିଆଯାଇପାରିବ ନାହିଁ; ତେଣୁ ଅପିଲକାରୀ ନିଜର ମୂଳ ବିଭାଗରେ ପଦବୀକୁ ବଜାୟ ରଖିବା ହରାଇଛନ୍ତି । ସୁତରାଂ, ତାଙ୍କୁ ପରିବହନ ବିଭାଗରେ ସ୍ଥାୟୀ ଭାବେ ଅନ୍ତର୍ଭୁକ୍ତ କରାଯାଇଛି ବୋଲି ବିବେଚନା କରାଯିବା ଉଚିତ । ଏହି ଯୁକ୍ତିରେ ଆମ୍ଭେ କୌଣସି ଦୃଢତା ପାଉନାହୁଁ ।

ରାଜ୍ୟ ସରକାରଙ୍କ ପକ୍ଷରୁ ଦାଖଲ କରାଯାଇଥିବା ପାଲଟା ଶପଥପତ୍ରରେ ଦର୍ଶାଯାଇଛି ଯେ, "ଯେହେତୁ ଆବେଦନକାରୀଙ୍କୁ ସ୍ୱୀକାରଯୋଗ୍ୟ ଭାବରେ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟକାଳ ପଦବୀକୁ ଅସ୍ଥାୟୀ ଭାବେ ବଦଳି କରାଯାଇଥିଲା, ତେଣୁ 1951 ନିୟମାବଳୀ ଅଧୀନରେ ମୂଳ ବିଭାଗରେ ତାଙ୍କର ପଦବୀକୁ ବଜାୟ ରଖିବା ସ୍ଥଗିତ ହୋଇପାରିବ ନାହିଁ । ପରିବହନ ବିଭାଗରେ ତାଙ୍କର ମୂଳ ପଦବୀ ବଜାୟ ରହିଛି ବୋଲି ଆବେଦନକାରୀଙ୍କ ଦାବି ସମ୍ପୂର୍ଣ୍ଣ ଭାବେ ଆଧାରହୀନ ଏବଂ ଭ୍ରମାତ୍ମକ ଅଟେ" । ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଇଥିବା ଏହି ସ୍ୱଷ୍ଟ ଆଭିମୁଖ୍ୟକୁ ଦୃଷ୍ଟିରେ ରଖି ଏବଂ ନିୟମାବଳୀ ଅନୁଯାୟୀ, ଯେହେତୁ ଅପିଲକାରୀ ବୈଷୟିକ ଶିକ୍ଷା ବିଭାଗର ଜଣେ ସ୍ଥାୟୀ କର୍ମଚାରୀ, ତେଣୁ ପରିବହନ ବିଭାଗରେ ପ୍ରତିନିଯୁକ୍ତି ସମୟରେ ତାଙ୍କର ମୂଳ ପଦବୀକୁ ବଜାୟ ରଖିବାର ଅଧିକାର ସର୍ବଦା ମୂଳ ବିଭାଗରେ ହିଁ ରହିବ । ମୂଳ ବିଭାଗକୁ ଫେରିବା ପରେ, ସେ ନିଜର ମୂଳ ବିଭାଗ ଅର୍ଥାତ୍ ବୈଷୟିକ ଶିକ୍ଷା ବିଭାଗକୁ ଫେରିଯିବେ ଏବଂ ସେହି ବିଭାଗରେ ସେ ନିଜର ଅଧିକାର ଅନୁଯାୟୀ ସମସ୍ତ ସୁବିଧା ପାଇବାକୁ ହକଦାର ହେବେ ।

ତଦନୁସାରେ ଅପିଲଟିକୁ ଖାରଜ କରାଯାଉଛି । କୌଣସି ଖର୍ଚ୍ଚ ନାହିଁ ।

ଆର୍.ପି. ଅପିଲଟିକୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***ଭାଷାନ୍ତର :***

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**